# ଅଧ୍ୟାୟ - I

# ଉପକ୍ରମ ଏବଂ ସମୀକ୍ଷା ର ଢାଞ୍ଚା

# ଅଧ୍ୟାୟ I

## ଉପକ୍ରମ ଏବଂ ସମୀକ୍ଷା ର ଢାଞ୍ଚା

### 1.1 ଉପକ୍ରମ

ବର୍ଜ୍ୟବସ୍ତୁ ହେଉଛି ସାମଗ୍ରୀ ଯାହାକି ଉତ୍ପାଦନ,ରୁପାନ୍ତର କିମ୍ବା ଅନ୍ୟ କାର୍ଯ୍ୟରେ ବ୍ୟବହାର କରିହେବ ନାହିଁ ଏବଂ ଏହାକୁ ନିଷ୍କାସିତ କରିବା ଦରକାର। ବର୍ଜ୍ୟବସ୍ତୁ ସାଧାରଣତଃ ସେମାନଙ୍କ ଗୁଣ ଅନୁଯାୟୀ କଠିନ ବର୍ଜ୍ୟବସ୍ତୁ , ହସପିଟାଲ-ଜୈବ ବର୍ଜ୍ୟବସ୍ତୁ , ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ , ଇ-ବର୍ଜ୍ୟବସ୍ତୁ , ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, କ୍ଷତିକାରକ ବର୍ଜ୍ୟବସ୍ତୁ ଇତ୍ୟାଦି ରେ ବିଭକ୍ତ । ସେମାନଙ୍କ ଲକ୍ଷଣ କୁ ଆଧାର କରି ସେଗୁଡିକୁ ମଧ ବାୟୋଡିଗ୍ରେଡେବଲ, ଅଣ-ବାୟୋଡିଗ୍ରେଡେବଲ, ଦହନୀୟ, ଶୁଖିଲା ଏବଂ ନିଷ୍କ୍ରିୟ ଭାବେ ଶ୍ରେଣୀଭୁକ୍ତ କରାଯାଏ।

ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଆଜି ଆମ ମ୍ୟୁନିସିପାଲିଟି ସାମ୍ନା କରୁଥିବା ସବୁଠୁ ବଡ ଆହ୍ୱାନ ଭାବରେ ଉଭା ହୋଇଛି । ଦୃତ ସହରୀକରଣ ଦ୍ୱାରା ପରିସ୍ଥିତି ଆହୁରି ତିବ୍ର ହୋଇଛି । ଡମ୍ପିଂକୁ ହଟାଇବା ଏବଂ ବିପଦଜନକ ରାସାୟନିକ ପଦାର୍ଥ ଏବଂ ସାମଗ୍ରୀ ନିର୍ଗତ କୁ କମାଇବା , ବିଶୋଧିତ ବର୍ଜ୍ୟଜଳର ଅନୁପାତକୁ ଅଧା କରିବା ଏବଂ ବିଶ୍ୱବ୍ୟାପୀ ପୁନଃ ବ୍ୟବହାର ଏବଂ ନିରାପଦ ପୁନଃ ବ୍ୟବହାରକୁ ସ୍ଥାୟୀ ବିକାଶ ଲକ୍ଷ୍ୟ ରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ। ଜନସ୍ୱାସ୍ଥ୍ୟ ଏବଂ ପରିବେଶ ଫଳାଫଳ ଦୃଷ୍ଟିରୁ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ନକାରାତ୍ମକ ପ୍ରଭାବ ରହିଛି। ଏହା ବ୍ୟତିତ ଆଖିପାଖର ସୌନ୍ଦର୍ଯ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଥାଏ।

ରାଜ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ର କାର୍ଯ୍ୟକାରିତା ପାଇଁ 114 ଟି ୟୁଏଲବି ଉତରଦାୟୀ ଅଟନ୍ତି । ଏହି ୟୁଏଲବି ଗୁଡିକରେ 2019-20 ମଧ୍ୟରେ ଆନୁମାନିକ ଦୈନିକ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ ହେଉଛି 2,208.60 ଟନ୍(ଟିପିଡି) । ଉପରୋକ୍ତ ମଧ୍ୟରୁ 2,123.30 ଟିପିଡି ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା, ଏବଂ 202.40 ଟିପିଡି ପ୍ରକ୍ରିୟାକରଣ କରାଯାଇଥିଲା । **ରାଜ୍ୟରେ କୌଣସି ସାନିଟାରୀ ଲ୍ୟାଣ୍ଡଫିଲ ନଥିଲା ଏବଂ ଖୋଲା ସ୍ଥାନରେ କଠିନ ବର୍ଜ୍ୟବସ୍ତୁ ପକାଯାଉଛି ।**

ବାର୍ଷିକ 45,339.40 ଟନ୍ (ଟିପିଏ) ପ୍ଲାଷ୍ଟିକ୍ ମଧ୍ୟରୁ ଏବଂ ନିର୍ମାଣ ଓ ଭଙ୍ଗା ବର୍ଜ୍ୟବସ୍ତୁର 1,646 ଟିପିଡି ମଧ୍ୟରୁ , ପ୍ଲାଷ୍ଟିକ୍ ର 45,055 ଟିପିଏ ପ୍ଲାଷ୍ଟିକ୍ ଏବଂ 1,646 ଟିପିଡି ନିର୍ମାଣ ଓ ଭଙ୍ଗା ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ରେ ପକାଯାଉଥିଲା । **ଯେହେତୁ ରାଜ୍ୟରେ କୌଣସି ସ୍ୱୀକୃତିପ୍ରାପ୍ତ ରିସାଇକ୍ଲର କିମ୍ବା ପୁନଃ ନିର୍ମାଣକାରୀ ନଥିବାରୁ ମାସିକ 396.77 ଟନ୍ ମଧ୍ୟରୁ ପୁନଃ ବ୍ୟବହାର କରାଯାଉଥିବା ଇ-ଆବର୍ଜନା ସମ୍ବନ୍ଧୀୟ ସୂଚନା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଉପଲବ୍ଧ ନଥିଲା ।**


2019-2020 ମଧ୍ୟରେ ଉତ୍ପନ୍ନ ହୋଇଥିବା 179.93 ଟିପିଡି ବିଏମଡବ୍ଲୁ ମଧ୍ୟରୁ 174.06 ଟିପିଡି ପ୍ରକ୍ରିୟାକରଣ କରାଯାଇଥିଲା ଏବଂ 5.87 ଟିପିଡି ପ୍ରକ୍ରିୟାକରଣ ହୋଇନଥିଲା।

ପରିବେଶ ସୁରକ୍ଷା ଅଧିନିୟମ, 1986, ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ପାଇଁ ଏକ ଆଇନଗତ ଢାଞ୍ଚା ପ୍ରଦାନ କରେ । ବୈଜ୍ଞାନିକ ପଦ୍ଧତିରେ[1] ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ବ୍ୟବହାର କରି ପ୍ରଦୂଷଣ ର ପ୍ରତିରୋଧ, ନିୟନ୍ତ୍ରଣ କିମ୍ବା ହ୍ରାସ ପାଇଁ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟ ରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମଓଇଏଫସିସି) ସେପ୍ଟେମ୍ବର 2000 ରେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ନିୟନ୍ତ୍ରଣ) (ଏମଏସଡବ୍ଲୁ) ନିୟମ 2000 ବିଜ୍ଞପ୍ତି ପ୍ରକାଶ କଲା । କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଏମଏସଡବ୍ଲୁ ନିୟମ 2000 ସ୍ଥାନ ଅଧିକାର କଲା । ଓଡିଶା ମ୍ୟୁନିସିପାଲିଟି ଅଧିନିୟମ 1950 ର ଧାରା 221 ଏବଂ ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ ଅଧିନିୟମ , 2003 ର ଧାରା 339 ରୁ 345 ୟୁଏଲବି ର ଏକ ବାଧ୍ୟତା ମୂଳକ କାର୍ଯ୍ୟ ଭାବରେ କଠିନ ବର୍ଜ୍ୟବସ୍ତୁ କୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛି । ଭାରତ ସରକାର ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଏବଂ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ (ଏସଏଫସି)

[1] ବୈଜ୍ଞାନିକ ପଦ୍ଧତିରେ କଠିନ ବର୍ଜ୍ୟବସ୍ତୁ ର ନିଷ୍କାସନ କରିବା ନିମନ୍ତେ ପ୍ରଥମେ ବର୍ଜ୍ୟବସ୍ତୁ କୁ ଦୁଇଭାଗ ରେ ( ଜୈବ-ପଚନଶୀଳ ଏବଂ ଅପଚନୀୟ ପଦାର୍ଥ) ବିଭକ୍ତ କରିବା ଦରକାର । ପରିମଳ କର୍ମଚାରୀ ମାନଙ୍କୁ ପ୍ରଥମେ ଉତ୍ସରୁ ବର୍ଜ୍ୟ ପଦାର୍ଥ ଗୁଡିକର ପୃଥକିକରଣ ଲାଗି ପ୍ରଶିକ୍ଷଣ ଦେବା ଦରକାର । ଜୈବ-ପଚନଶୀଳ ପଦାର୍ଥ ଗୁଡିକୁ ଏମସିସି/ଭର୍ମି କମ୍ପୋଷ୍ଟ ପ୍ଲାଣ୍ଟ ଦ୍ୱାରା ଖତ / ସାର କୁ ପରିବର୍ତ୍ତୀତ କରାଯାଏ। ଜୈବ - ପଚନଶୀଳ ହେଉନଥିବା ପଦାର୍ଥ ଗୁଡିକୁ ପରିମଳ ଲ୍ୟାଣ୍ଡଫିଲ କୁ ପଠାଇ ଏକ ପତଳା ମାଟିର ସ୍ତର ଦିଆଯାଏ। ଜିଓଓ ଜୁଲାଇ 2019 ରୁ ଉପରୋକ୍ତ ପ୍ରକ୍ରିୟାର ଜନାଦେଶ ଜାରୀ କରିଛି ।

ମଧ୍ୟ ଜଳ ଯୋଗାଣ, ସେରେଜ୍ ଏବଂ ବର୍ଷା ପ୍ଲାବିତ ଜଳ ନିଷ୍କାସନ ବ୍ୟତୀତ ସହରୀ ସେକ୍ଟରରେ ନାଗରିକ ସେବାର ଅନ୍ୟତମ ମୂଳକ୍ଷେତ୍ର ଭାବରେ କଠିନ ବର୍ଜ୍ୟବସ୍ତୁକୁ ଚିହ୍ନଟ କରିଛି । ମ୍ୟୁନିସିପାଲଟି କଠିନ ବର୍ଜ୍ୟବସ୍ତୁ ନିୟମ 2000 ଧାର୍ଯ୍ୟକରେ ଯେ ପ୍ରତ୍ୟେକ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକିକରଣ , ସଂରକ୍ଷଣ, ପରିବହନ,ପ୍ରକ୍ରିୟାକରଣ ଏବଂ ବିସର୍ଜନ ପାଇଁ ଦାୟୀ ରହିବେ । ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଗ୍ରହଣ କରାଯିବାକୁ ଥିବା ମୌଳିକ ନୀତି ହେଉଛି 3 ଆର[2] ଯାହା ହ୍ରାସ, ପୁନଃ ବ୍ୟବହାର ଏବଂ ପୁନଃପ୍ରକ୍ରିୟାକରଣ ଅଟେ ।

ଏହି ସଂମ୍ପାଦନ ସମୀକ୍ଷା ଉପରୋକ୍ତ ନୀତି ଗୁଡିକ ପାଳନର ନିଶ୍ଚିତତା କୁ ପାଇବାକୁ ଚେଷ୍ଟାକରିବ । ଅଳିଆ ଆବର୍ଜନା ସଂଗ୍ରହ ସେବା ଜନସାସ୍ଥ୍ୟ ଏବଂ ସହରର ସୌନ୍ଦର୍ଯ୍ୟକରଣ ଉପରେ ପ୍ରଭାବ ପକାଉଥିବାରୁ କଠିନ ବର୍ଜ୍ୟବସ୍ତୁ ଏକ ଆହ୍ୱାନପୂର୍ଣ୍ଣ ବିଷୟ । ସମୟ ସହିତ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ ବୃଦ୍ଧି ଯୋଗୁଁ, ପୁନଃ ବ୍ୟବହାରକୁ ସ୍ୱୀକୃତି ଦିଆଯିବା ଏବଂ ଉପଯୁକ୍ତ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ବହୁଳ ଭାବରେ ଗ୍ରହଣୀୟ ବର୍ଜ୍ୟବସ୍ତୁ ପରିଚାଳନା କ୍ରମକୁ ନିମ୍ନରେ ଚିତ୍ରଣ କରାଯାଇଛି :




2 3 ଆର: କମେଇବା - ଅନାବଶ୍ୟକ ବର୍ଜ୍ୟ ଉତ୍ପନ୍ନରୁ ଦୂରେଇବା, ପୁନଃବ୍ୟବହାର - ପୁଣି ବ୍ୟବହାର କରିବା ଏବଂ ପୁନଃ ପ୍ରକ୍ରିୟାକରଣ – ଅଦରକାରୀ ଜିନିଷକୁ ଆବଶ୍ୟକୀୟ ଏବଂ ବିକ୍ରୀଯୋଗ୍ୟ ଉତ୍ପାଦ ରେ ରୂପାନ୍ତର କରିବା

## 1.2 ବର୍ଜ୍ୟବସ୍ତୁ ପରିଚାଳନା ର ପ୍ରକ୍ରିୟା

ବର୍ଜ୍ୟବସ୍ତୁ ପରିଚାଳନାର ପ୍ରକ୍ରିୟା ନିମ୍ନରେ ଚିତ୍ରିତ ହୋଇଛି:




କଠିନ ବର୍ଜ୍ୟବସ୍ତୁ ର ସଠିକ୍ ପରିଚାଳନା ପାଇଁ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପୃଥକିକରଣ, ସଂରକ୍ଷଣ, ସଂଗ୍ରହ, ପରିବହନ, ପ୍ରକ୍ରିୟାକରଣ ଏବଂ ବିସର୍ଜନ ପାଇଁ ଏମଏସଡବ୍ଲୁ ନିୟମ 2000 ର କାର୍ଯ୍ୟସୂଚୀ ବ୍ୟବସ୍ଥା କରେ।

ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ଉତ୍ସରେ ପୃଥକ ଏବଂ ସଂଗ୍ରହ କରାଯିବା ଉଚିତ୍ । ତାପରେ, ଏହାକୁ 3ଆର ର ନୀତି ଅନୁଯାୟୀ ପରିବହନ ଏବଂ ପ୍ରକ୍ରିୟାକରଣ କରାଯିବା ଉଚିତ । ପ୍ରକ୍ରିୟାକରଣ ପରେ ଅବଶିଷ୍ଟ ନିଷ୍କ୍ରିୟ ପଦାର୍ଥକୁ ସୁରକ୍ଷିତ ଭାବରେ ନିଷ୍କାସନ କରିବାକୁ ପଡିବ । ପୃଥକିକରଣ ପ୍ରକ୍ରିୟା ଠାରୁ ବର୍ଜ୍ୟବସ୍ତୁ ପରିଚାଳନାକୁ ନିର୍ବାହ କରିବା ହେଉଛି ୟୁଏଲବି ଗୁଡିକର ଦାୟିତ୍ୱ ।

## 1.3 ସାଂଗଠନିକ ସଂରଚନା

ଗୃହ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟ ସଚିବ ରାଜ୍ୟରେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ନିୟମ ଲାଗୁ କରିବା ପାଇଁ ଉତ୍ତରଦାୟୀ । ଏମଏସଡବ୍ଲୁ ନିୟମ ଅନୁଯାୟୀ ନିର୍ଦ୍ଧାରିତ ମାନଦଣ୍ଡର ଅନୁପାଳନ ତଦାରଖ କରିବାକୁ ଅତିରିକ୍ତ ମୁଖ୍ୟ ସଚିବ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦାୟୀ ଯାହାଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଏବଂ ରାଜ୍ୟର 12 ଟି ଆଞ୍ଚଳିକ କାର୍ଯ୍ୟାଳୟ[3] ସହାୟତା କରିଥାନ୍ତି । ଓଡିଶାରେ 114 ୟୁଏଲବିରେ ( 5 ମ୍ୟୁନିସିପାଲିଟି କର୍ପୋରେସନ, 45 ମ୍ୟୁନିସିପାଲିଟି ଏବଂ 64 ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପ୍ରାଧିକରଣ ପ୍ରଦାନ ଏବଂ

[3] ଅନୁଗୁଳ,ବାଲେଶ୍ୱର,ବ୍ରହ୍ମପୁର,ଭୁବନେଶ୍ୱର,କଟକ,ଝାରସୁଗୁଡା,କଳିଙ୍ଗନଗର (ଯାଜପୁର କଳିଙ୍ଗନଗର ରୋଡ୍), କେନ୍ଦୁଝର,ପାରାଦ୍ୱୀପ,ରାୟଗଡା,ରାଉରକେଲା ଏବଂ ସମ୍ବଲପୁର

ନିୟମର କାର୍ଯ୍ୟକାରୀତାକୁ ତଦାରଖ କରିବା ପାଇଁ ଏସପିସିବି ହେଉଛି ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ । ରାଜ୍ୟରେ ୟୁଏଲବି ଗୁଡିକର କାର୍ଯ୍ୟକଳାପ ସହିତ ସାଂଗଠନିକ ସଂରଚନା ***(ପରିଶିଷ୍ଟ - I)*** ରେ ଦିଆଯାଇଛି ।

## 1.4 ସମୀକ୍ଷାର ଉଦ୍ଦେଶ୍ୟ

ସଂପାଦନ ସମୀକ୍ଷା ଦ୍ୱାରା ଏହା ନିର୍ଦ୍ଧାରଣ କରାଯିବାକୁ ଥିଲା ଯେ

- ୟୁଏଲବି ଗୁଡିକରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରଣନୀତି ଏବଂ ଯୋଜନା, ଉତ୍ପନ୍ନ ବର୍ଜ୍ୟବସ୍ତୁର ଅନୁରୁପ ଏବଂ ବିଦ୍ୟମାନ ଆଇନଗତ କାର୍ଯ୍ୟ ଢାଞ୍ଚା ସହ ସମାନ ;
- ମ୍ୟୁନିସିପାଲିଟି କାର୍ଯ୍ୟଗୁଡିକ କଠିନ ବର୍ଜ୍ୟବସ୍ତୁ ର ପ୍ରଭାବଶାଳୀ, ଦକ୍ଷ ଓ ମିତବ୍ୟୟୀ ପରିଚାଳନା ସହ ସଂଗ୍ରହ, ପୃଥକିକରଣ, ସଂରକ୍ଷଣ, ପରିବହନ, ନିଷ୍କାସନ ଏବଂ ଅନୌପଚାରିକ ବର୍ଜ୍ୟବସ୍ତୁ ଶ୍ରମିକଙ୍କୁ ସାମାଜିକ ସ୍ତରରେ ସାମିଲ କରିବା ରେ ଜଡିତ ଥିଲା ;
- ୟୁଏଲବି ଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ଯୋଜନା, ନିର୍ମାଣ, ସ୍ଥାପନ, କାର୍ଯ୍ୟକାରୀତା ଏବଂ ରକ୍ଷଣାବେକ୍ଷଣ ପ୍ରଭାବଶାଳୀ, ଦକ୍ଷ, ଏବଂ ଆର୍ଥିକ ସ୍ଥାୟୀ ଥିଲା , ଏବଂ
- ସଚେତନତା ସୃଷ୍ଟିର ପର୍ଯ୍ୟାପ୍ତତା, ଆଚରଣଗତ ପରିବର୍ତ୍ତନକୁ ପ୍ରଭାବିତ କରିବା ପାଇଁ ନାଗରିକଙ୍କ ଯୋଗଦାନ, ଅଭିଯୋଗ, ନାଗରିକଙ୍କ ପାଇଁ ପ୍ରତିକାର. ପରିବେଶ ପ୍ରଭାବର ମୂଲ୍ୟାଙ୍କନ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ତଦାରଖ କୌଶଳ ର କାର୍ଯ୍ୟକାରୀତା ସହିତ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ମନିଟରିଂ ଏବଂ ମୂଲ୍ୟାଙ୍କନ ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା ।

## 1.5 ସମୀକ୍ଷାର ମାନଦଣ୍ଡ

ନିମ୍ନୋକ୍ତ ଗୁଡିକ ସମୀକ୍ଷାର ମାନଦଣ୍ଡ ଥିଲା :

- ଓଡିଶା ମ୍ୟୁନିସିପାଲିଟି ଆକ୍ଟ, 1950
- ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ, 2003
- ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ପରିଚାଳନା ଓ ନିୟନ୍ତ୍ରଣ) ମାନୁଆଲ, 2000 ଏବଂ 2016 ଏବଂ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ନିୟନ୍ତ୍ରଣ)ନିୟମ, 2000 ଏବଂ 2016;
- ଇ-ଆବର୍ଜନା (ପରିଚାଳନା) ନିୟମ, 2016;
- ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016;
- ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016;
- ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନ ନିୟମ,2016;
- ପରିବେଶ (ସୁରକ୍ଷା) ଅଧିନିୟମ ଏବଂ ନିୟମ 1986;
- ଜଳ(ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974;
- ଓଡିଶା ସାନିଟାରୀ ପଲିସି,2017;
- ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ୍ (ଏନଜିଟି);
- ସ୍ୱଚ୍ଛ ଭାରତ ମିଶନ ନିର୍ଦ୍ଦେଶାବଳୀ;
- ସମୟାନୁକ୍ରମେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି),ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି), ଏବଂ ଜିଓଆଇ/ଜିଓଓ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ, ମାର୍ଗଦର୍ଶୀକା, ନୀତିଗୁଡିକ ।

ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ପରିଚାଳନାକୁ ନିୟନ୍ତ୍ରଣ କରୁଥିବା ନିୟାମକ ଢାଞ୍ଚା ***(ପରିଶିଷ୍ଟ - II)*** ରେ ସୂଚିତ କରାଯାଇଛି ।

## 1.6 ସମୀକ୍ଷାର ପରିସର ଏବଂ ପଦ୍ଧତି

ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଂପାଦନ ସମୀକ୍ଷା ଡିସେମ୍ବର 2020 ରୁ ମାର୍ଚ୍ଚ2021 ମଧ୍ୟରେ ଏବଂ ଜୁଲାଇ 2021 ରୁ ସେପ୍ଟେମ୍ବର 2021 ମଧ୍ୟରେ ମହାମାରୀ ପରିସ୍ଥିତି ଯୋଗୁଁ କରାଯାଇଥିଲା । ସମୀକ୍ଷା ପରିସର ଅବଧି 2015-16 ରୁ 2019-20 ପର୍ଯ୍ୟନ୍ତ ଥିଲା । ଏଥିରେ କଠିନ ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ , ଇ-ଆବର୍ଜନା , ବାୟୋ ମେଡିକାଲ୍ ଆବର୍ଜନା ଏବଂ ନିର୍ମାଣର ଭଗ୍ନାବଶେଷ ଆବର୍ଜନା ସମ୍ବନ୍ଧୀୟ ରେକର୍ଡଗୁଡିକର ପରୀକ୍ଷଣ ଅନ୍ତର୍ଭୁକ୍ତ । 2011 ଜନଗଣନା ଉପରେ ଆଧାର କରି ଷ୍ଟ୍ରାଟିଫାଏଡ୍ ରାଣ୍ଡମ୍ ସାମ୍ପଲିଂ ସଂଗ୍ରହ ପ୍ରଣାଳୀ ବ୍ୟବହାର କରି 114 ୟୁଏଲବି ମଧ୍ୟରୁ 21 ୟୁଏଲବି ଚୟନ କରାଯାଇଥିଲା । ଅଡିଟ୍ ପରୀକ୍ଷଣରେ 21 ୟୁଏଲବି (ପାଞ୍ଚଟି କର୍ପୋରେସନ[4], ଦଶଟି ମ୍ୟୁନିସିପାଲିଟି[5] ଏବଂ ଛଅଟି ଏନଏସି[6]) ଏବଂ ଦୁଇଟି ସ୍ମାର୍ଟ ସିଟି (ଭୁବନେଶ୍ୱର ଏବଂ ରାଉରକେଲା) ଜିଓଓ ର ମୁଖ୍ୟସଚିବଙ୍କ କାର୍ଯ୍ୟାଳୟ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ର ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଏସପିସିବି ର ସଚିବ ଅନ୍ତର୍ଭୁକ୍ତ । ଅଡିଟ୍ ମଧ୍ୟ ଅନ୍ୟାନ୍ୟ ସର୍ବୋଚ୍ଚ ୟୁନିଟ୍ ଯଥା ଅତିରିକ୍ତ ମୁଖ୍ୟ ସଚିବ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣଙ୍କ କାର୍ଯ୍ୟାଳୟ, ଶିଳ୍ପ ବିଭାଗ, ସଦସ୍ୟ ସଚିବ, ଓଡିଶା ଜଳ ଯୋଗାଣ,ସ୍ୱେରେଜ୍ ବୋର୍ଡ (ଓଡବ୍ଲୁଏସଏସବି) ଏବଂ ଓଡିଶା ଜଳ ନିଗମ (ୱାଟ୍କୋ) ସେମାନଙ୍କର ବିଏମଡବ୍ଲୁ, ଇ-ଆବର୍ଜନା ଏବଂ ଜଳିୟ ଆବର୍ଜନା ପରିଚାଳନା ରେ ଅନ୍ତର୍ଭୁକ୍ତ ପାଇଁ ରେକର୍ଡଯାଞ୍ଚ କରିଥିଲା । ଉପରୋକ୍ତ ବ୍ୟତିତ ମନୋନୀତ ୟୁଏଲବି ଗୁଡିକର ଅଧିନରେ ଥିବା 21 ଟି ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ[7] ର ରେକର୍ଡ ମଧ୍ୟ ଅଡିଟ୍ ଅବଧି ମଧ୍ୟରେ ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଯାଞ୍ଚ କରାଯାଇଥିଲା ।

ଅଡିଟ୍ ସାଇଟଗୁଡିକର ଶାରୀରିକ ଯାଞ୍ଚ ଏବଂ ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ଏବଂ ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍ (ଜିପିଏସ୍) ବ୍ୟବହାର କରି ଲ୍ୟାଣ୍ଡଫିଲ୍ ଗୁଡିକର ଉପଯୋଗିତାକୁ ମଧ୍ୟ ବିଶ୍ଳେଷଣ କରିଥିଲା ।

ମୁଖ୍ୟ ସଚିବ, ଗୃହ ଏବଂ ସହରୀ ବିକାଶ ବିଭାଗ ସହ ଏକ ପ୍ରବେଶ ସମ୍ମିଳନୀ 17 ଫେବୃଆରୀ 2021 ରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଏସପିସିବି/ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ଶିଳ୍ପ ବିଭାଗର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ସମୀକ୍ଷା ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଏବଂ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା ।

ସରକାରଙ୍କୁ ଏହି ସମ୍ପାଦନ ସମୀକ୍ଷାର ଡ୍ରାଫ୍ଟ ରିପୋର୍ଟ ଟି 17 ଜାନୁଆରୀ 2022 ରେ ଜାରି କରାଯାଇଥିଲା । ଏକ ପ୍ରସ୍ଥାନ ସମ୍ମିଳନୀ 18 ଏପ୍ରିଲ୍ 2022 ରେ ଅନୁଷ୍ଠିତ ହୋଇଥିଲା ଏବଂ ବିଭାଗ ଏହି ସମ୍ପାଦନ ସମୀକ୍ଷା ରେଖାଚିତ୍ର ର ଉତ୍ତର 23 ମଇ 2022 ରେ ପ୍ରଦାନ କରିଥିଲେ । ସରକାରଙ୍କ ଉତ୍ତର ଗୁଡିକ ଏହି ପ୍ରତିବେଦନରେ ଉପଯୁକ୍ତ ଭାବରେ ଅର୍ନ୍ତଭୂକ୍ତ କରାଯାଇଛି ।

ସମ୍ପାଦନ ସମୀକ୍ଷା ପରିଚାଳନାରେ ରାଜ୍ୟ ସରକାର , ସମସ୍ତ ୟୁଏଲବି, ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ଏବଂ ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗ ଏବଂ ସହାୟତାକୁ ଅଡିଟ୍ ସ୍ୱୀକାର କରେ ।

## 1.7 ଅଧ୍ୟାୟ ଗୁଡିକର ବିନ୍ୟାସ

ସମୀକ୍ଷା ଆର୍ଥିକ ପରିଚାଳନା , ଯୋଜନା ଏବଂ ଗ୍ରହଣ କରାଯାଇଥିବା ରଣନୀତି, ପ୍ରକ୍ରିୟାକରଣ, ନିଷ୍କାସନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ନିରୀକ୍ଷଣ ପାଇଁ ନିଆଯାଇଥିବା ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲା ସେହି ଅନୁଯାୟୀ , ନିମ୍ନଲିଖିତ ଅଧ୍ୟାୟରେ ରିପୋର୍ଟର ବ୍ୟବସ୍ଥା କରାଯାଇଛି ।

---

4 ମ୍ୟୁନିସିପାଲିଟି କର୍ପୋରେସନ :ଭୁବନେଶ୍ୱର,ବ୍ରହ୍ମପୁର,କଟକ,ରାଉରକେଲା ଏବଂ ସମ୍ବଲପୁର

5 ମ୍ୟୁନିସିପାଲିଟି : ବଲାଙ୍ଗୀର,ବରଗଡ,ବାରିପଦା,ଭଦ୍ରକ,ଚୌଦ୍ୱାର,ଜୟପୁର,ଝାରସୁଗୁଡା,ପୁରୀ,ରାୟଗଡା ଏବଂ ସୁନ୍ଦରଗଡ

6 ଏନଏସି : ଚାନ୍ଦବାଲି, ଛତ୍ରପୁର,ଗୁଣପୁର,ହିଞ୍ଜିଳୀକଟ୍, ନୂଆପଡା ଏବଂ ରଣପୁର

7 ଏକୋଇଶି ଟି ଏଚସିଇ ଗୁଡିକର ରେକର୍ଡ:(i)13 ଟି ଜିଲ୍ଲା ମୁଖ୍ୟାଳୟ ହସପିଟାଲ(ଡିଏଚଏଚ) ଯଥା, ପୁରୀ, ଜୟପୁର, ସୁନ୍ଦରଗଡ, ନୂଆପଡା, ସମ୍ବଲପୁର, ଗଞ୍ଜାମ(ବ୍ରହ୍ମପୁର), ଝାରସୁଗୁଡା, ବରଗଡ, ଭଦ୍ରକ, କଟକ, ରାୟଗଡା, ରାଉରକେଲା, ସରକାରୀ ହସପିଟାଲ ଏବଂ କ୍ୟାପିଟାଲ ହସପିଟାଲ,ଭୁବନେଶ୍ୱର (ii) ଚାରୋଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଯଥା, ଚାନ୍ଦବାଲି, ରଣପୁର, ହିଞ୍ଜିଳିକଟ୍ ଏବଂ କପିଳେଶ୍ୱର, ସହରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚସି),ଚୌଦ୍ୱାର (iii) ଦୁଇଟି ଉପ-ଜିଲ୍ଲା ହସପିଟାଲ (ଏସଡିଏଚ) :ଗୁଣପୁର ଏବଂ ଛତ୍ରପୁର, ଏବଂ (iv) ଦୁଇଟି ମେଡିକାଲ କଲେଜ ଯଥା, ଭୀମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗିର ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲ, ବାରିପଦା

ଅଧ୍ୟାୟ – II : ଆର୍ଥିକ ପରିଚାଳନା

ଅଧ୍ୟାୟ – III : କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଯୋଜନା ଏବଂ ରଣନୀତି

ଅଧ୍ୟାୟ – IV : କଠିନ ବର୍ଜ୍ୟବସ୍ତୁର ସଂଗ୍ରହ, ପୃଥକିକରଣ ଏବଂ ପରିବହନ

ଅଧ୍ୟାୟ – V : କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଏବଂ ନିଷ୍କାସନ

ଅଧ୍ୟାୟ – VI : ବିଶେଷ ବର୍ଜ୍ୟ ବସ୍ତୁ ଏବଂ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁର ପରିଚାଳନା

ଅଧ୍ୟାୟ – VII : ସ୍ମାର୍ଟ ସିଟି ଦ୍ୱାରା କଠିନ ବର୍ଜ୍ୟବସ୍ତୁ ର ପରିଚାଳନା

ଅଧ୍ୟାୟ – VIII : ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ନିରୀକ୍ଷଣ ଏବଂ ମୂଲ୍ୟାୟନ ଏବଂ

ଅଧ୍ୟାୟ – IX : ଉପସଂହାର ଏବଂ ସୁପାରିଶ